# Akashvani, Sambalpur

## SAMBALPURI NEWS EVENING BULLETIN

**18 October 2024- 7.02 pm- 7.12 pm.**

*********************************************

୧- ମୁମ୍ବାଇ ନ 'ଇଣ୍ଡିଆ କେମ୍- ୨୦୨୪' ସମ୍ମିଳନୀଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୨- ଆମର୍ ଭାଷାମାନ୍ ହେଉଛେ ଭାରତୀୟତାର ପ୍ରାଣ- କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

୩- ଦେଶେ ଅଟଲ୍ ପେନ୍ସନ୍ ଯୋଜ୍ନାଥି ଏଛେନ୍ତକ୍ ୭ କୋଟିନୁ ଅଏତ୍କା ଲୋକ୍ ସାମିଲ୍ ।

ଆଉର୍

୪- ଆଏଜ୍‌ନୁ ମୁଲ୍ ହେଇଛେ କାର୍ତ୍ତିକ ବ୍ରତ ।

ଇଣ୍ଡିଆ କେମ୍-୨୦୦୪ ଆର୍ଏନ୍ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ମୁମ୍ବାଇ ନ ହେଇଥିବା 'ଇଣ୍ଡିଆ କେମ୍- ୨୦୨୪' ଥି ପ୍ରମୁଖ ନେତୃତ୍ୱମାନ୍‌କର୍ ସାଙ୍ଗେ ଯୋଗ୍ ଦେଇଛନ୍ । ଦେଶେ

ରାସାୟନିକ୍ ଉଦ୍ୟୋଗ୍ କ୍ଷେତ୍ର ନ ନୂଆଁ ସୁଯୋଗ୍ ସୃଷ୍ଟି, ନିବେଶ୍ ସମ୍ଭାବନା, ନିଯୁକ୍ତି ଦେବାର୍ ବାଗିର୍ ଗୁରୁତ୍ୱପୂର୍ଣ୍ଣ ବିଷେ ଉପ୍‌ରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ ।

ସେ କହିଛନ୍ ଯେ, ପୁର୍‌ଥି ନ ରାସାୟନିକ୍ ଉଦ୍ୟୋଗ୍ କ୍ଷେତ୍ର ନ ଭାରତ୍‌ର ବିଶେଷ୍ ଯୋଗଦାନ୍ ରହିଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଭାରତ୍‌କେ ପୁର୍‌ଥିର୍ ରାସାୟନିକ୍ ଉଦ୍ୟୋଗ୍‌ର କେନ୍ଦ୍ର କର୍‌ବାର୍ ଲାଗି ଖୋବ୍‌ଟେ ଯୁଗାନ୍ତକାରୀ ଯୋଜ୍‌ନା କାର୍ଯ୍ୟକାରୀ କରାଯାଉଛେ । ଦେଶର୍ ଗୁଟେ ଅଗ୍ରଣୀ ରାଜ୍ୟ ଭାବେ ପୂର୍ବୋଦୟ ବିକାଶ୍‌ର ସପନ୍‌କେ ସାକାର୍ କର୍‌ବାର୍ ଲାଗି ଓଡ଼ିଶା ନିଜର୍ ଯୋଗ୍‌ଦାନ୍‌କେ ଆହୁରି ବର୍‌କସ୍ କରିଛେ । ଆଏବା ଦିନେ ଶିଳ୍ପାୟନ୍‌କେ ଅଏତ୍‌କା ତ୍ୱରାନ୍ୱିତ୍ କର୍‌ବାର୍ ଲାଗି ଉତ୍କର୍ଷ ଓଡ଼ିଶା ସମ୍ମିଲନୀ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରେସ୍ ରିଲିଜ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପାଲ୍ଲୀ, ପ୍ରାକୃତ, ମରାଠୀ, ଆସାମୀ ଆଉ ବଙ୍ଗଲା ଭାଷାର୍ ଭାଷାବିତ୍‌ମାନ୍‌କୁ ଆଏଜ୍ ଭେଟିକରି ଆଲୋଚନା କରିଛନ୍ । ଇ ଭିତ୍‌ରେ କେନ୍ଦ୍ର ସର୍‌କାର୍ ଇ ଭାଷାମାନ୍‌କୁ ଶାସ୍ତ୍ରୀୟ ଭାଷା ତାଲିକାଥି

ସାମିଲ୍ କରିଥିବାର୍‌ନୁ ଭାଷାବିତ୍‌ମାନେ ଖୁସି ହେଇକରି ପ୍ରଧାନ୍‌ମନ୍ତ୍ରୀଙ୍କୁ ଧନ୍ୟବାଦ ଜନେଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଆମର୍ ଭାଷା ମାନ୍ ହେଉଛେ ଭାରତୀୟତାର୍ ପ୍ରାଣ । ପ୍ରଧାନ୍‌ମନ୍ତ୍ରୀ ମୋଦୀଙ୍କର ନେତୃତ୍ୱଥି ସର୍‌କାର୍ ସବୁ ଭାରତୀୟ ଭାଷା ଆଉ ମାତୃଭାଷା ଥି ଶିକ୍ଷାକେ ପ୍ରୋତ୍ସାହିତ କରୁଛନ୍ । ଜାତୀୟ ଶିକ୍ଷାନୀତିର୍ କଳ୍ପନା ଅନ୍‌ସାରେ ଆମର୍ ଭାଷାଗତ ଐତିହ୍ୟକେ ସମ୍ମାନ୍ ଜନାବାର୍ ସହେତେ ସଂରକ୍ଷଣ୍ କର୍‌ବାର୍ ଲାଗି ସବୁପ୍ରକାର୍ ପ୍ରୟାସ୍ କରୁଛନ୍ । ମାତୃଭାଷା ଶିକ୍ଷାକେ ସୁଗମ୍ କର୍‌ବାର୍, ସବୁ ଭାରତୀୟ ଭାଷା ଉପ୍‌ରେ ସମାନ୍ ଗୁରୁତ୍ୱ ଦେବାର୍ ସହେତେ ବହୁଭାଷା ଭିତିକ ଶିକ୍ଷାକେ ପ୍ରୋତ୍ସାହିତ କର୍‌ବାର୍ ଲାଗି ଭାରତ୍ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ସୁପ୍ରିମ୍‌କୋର୍ଟ- ବାଲ୍ୟବିବାହ ଆର୍‌ଏନ୍‌ୟୁ/ କଟକ୍

ବାଲ୍ୟବିବାହ ନିଷେଧ୍ ଆଇନ୍‌କେ ବ୍ୟକ୍ତିଗତ ଆଇନ୍‌ଥି ବନ୍ଦ୍ କରାଯାଇ ନାଇଁପାରେ ବଲି ସୁପ୍ରିମ୍‌କୋର୍ଟ କହିଛନ୍ । ସୁପ୍ରିମ୍‌କୋର୍ଟ କହିଛନ୍ ଯେ, ସ୍ୱାଧୀନ୍ ଭାବେ ଜୀବନ୍‌ସାଥୀ ବାଛ୍‌ବାର୍‌କେ ବାଲ୍ୟବିବାହ ଉଲ୍ଲଂଘନ୍ କରୁଛେ । ପ୍ରଧାନ୍

ବିଚାର୍‌ପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼୍, ଜଷ୍ଟିସ୍ ଜେ.ବି. ପାର୍ଦ୍ଦିଓ୍ୱାଲା ଆର୍ ଜଷ୍ଟିସ୍ ମନୋଜ୍ ମିଶ୍ରଙ୍କୁ ନେଇକରି ଗଠିତ୍ ଖଣ୍ଡପୀଠ ଦେଶେ ବାଲ୍ୟବିବାହ ନିବାରଣ ଆଇନ୍‌ର ପ୍ରଭାବ୍‌ଶାଲୀ ରୂପାନ୍ତର୍ ଲାଗି ମାର୍ଗଦର୍ଶିକା ଜାରି କରିଛନ୍ । ବାଲ୍ୟବିବାହ ନିଷେଧ୍ ଆଇନ୍‌ଥି କେତେ ଭୁଲ୍ ରହିଛେ ବଲି ଖଣ୍ଡପୀଠ କହିଛନ୍ । ବାଲ୍ୟବିବାହ ରୁକ୍‌ବାର୍ ଆର୍ ଇଟାକେ ପୁରା ବନ୍ଦ୍ କର୍‌ବାର୍ ଲାଗି ୨୦୦୬ ମସିହାଥି ତିଆର୍ ହେଇଥିବା ବାଲ୍ୟବିବାହ ନିଷେଧ୍ ଆଇନ୍ ୧୯୨୯ର ବାଲ୍ୟବିବାହ ନିୟନ୍ତ୍ରଣ ଆଇନ୍‌ର ଜାଗା ନ ଥିଲା ।

ଅଟଲ୍ ପେନ୍‌ସନ୍ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ନ ଅଟଲ୍ ପେନ୍‌ସନ୍ ଯୋଜ୍‌ନାର୍ କାର୍ଯ୍ୟକାରିତା ବାବ୍‌ଦେ ଆଏଜ୍ ପୁରୀ ନ ଗୁଟେ ସ୍ୱତନ୍ତ୍ର ବୈଠକ୍ ହେଇଯାଇଛେ । ବୈଠକ୍‌ନୁ ଜନାପଡ଼ିଛେ ଯେ, ଦେଶେ ଅଟଲ୍ ପେନ୍‌ସନ୍ ଯୋଜ୍‌ନାଥି ଏଛେନ୍‌ତକ୍ ୭ କୋଟିନୁ ଅଏତ୍‌କା ଲୋକ୍ ସାମିଲ୍ ଥିବାର୍ ବେଲେ ଓଡ଼ିଶା ନ ୨୬ ଲାଖ୍ ଲୋକ୍ ସାମିଲ୍ ହେଇଛନ୍ । ଅଟଲ୍ ପେନ୍‌ସନ୍ ଯୋଜ୍‌ନାକେ ଆଏବା ଦିନ ଅଏତ୍‌କା ବ୍ୟାପକ କର୍‌ବାର୍ ସହେତେ ଲୁକ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି

ବୈଠକ୍‌ରୁ ଆଲୋଚନା ହେଇଥିଲା । ଇ ଆର୍ଥିକ୍ ବଛର୍‌ରୁ ରାଜ୍ୟର୍ ୨ ଲାଖ୍ ହିତାଧିକାରୀ ଇ ଯୋଜ୍‌ନାରୁ ପଞ୍ଜିକୃତ କରିଛନ୍ ବଲି ଜନାପଡ଼ିଛେ ।

କେନ୍ଦ୍ର ସର୍‌କାର୍- ଟିକସ୍ ସଂଗ୍ରହ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ଦେଶର୍ ଅର୍ଥବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ଟିକସ୍ ସଂଗ୍ରହକେ ଅଗ୍ରାଧିକାର୍ ଦେଇଛନ୍ । ଗଲା ୧୦ ବଛ୍‌ରେ ପାଖାପାଖି ୨୦ ଲାଖ୍ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ୍ ସଂଗ୍ରହ କରାଯାଇଛେ ବଲି ଅର୍ଥମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ । ୨୦୧୪ ମସିହାନୁ ୨୦୨୪ ମସିହାତକ୍ ଏନ୍‌ଡିଏ ସର୍‌କାର୍‌ଙ୍କର୍ ଶାସନ୍ କାଳ ଭିତ୍‌ରେ ପ୍ରତ୍ୟକ୍ଷ ଟିକସ୍ ସଂଗ୍ରହ ଶହେ ୮୨ ପ୍ରତିଶତ୍‌କେ ବଢ଼ିକରି ୧୯ ଲାଖ୍ ୬୦ କୋଟି ଟଙ୍କାରୁ ପୁହୁଁଚିଛେ । ସେନ୍ତା ୨୦୨୩ -୨୪ ଆର୍ଥିକ୍ ବଛର୍‌ରୁ ପାଖାପାଖି ୧୦ ଲାଖ୍ କୋଟି ଟଙ୍କାନୁ ଅଏତ୍‌କା ଟିକସ୍ ସଂଗ୍ରହ କରାଯାଇଥିବାର୍ ଅର୍ଥମନ୍ତ୍ରଣାଳୟ କହିଛେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୨୧ ଆର୍ ୨୮ ତାରିଖ୍ ସୋମ୍ବାର୍ ଦିନ ଭୁବ୍ନେଶ୍ୱର୍ ଠାନେ ଥିବା ଅଭିଯୋଗ୍ ପ୍ରକୋଷ୍ଠ ନ ଲୁକ୍କର୍ ଭିନ୍ ଭିନ୍ ଅଭିଯୋଗ୍ର ଶୁଣାଣି କର୍ବେ । ଇ ଦୁହି ଦିନ ଅଭିଯୋଗ୍ ଶୁଣାଣି ଲାଗି ଆଏଜ୍ ଦିନର୍ ୧୧ ବଜେନୁ ଅନ୍ଲାଇନ୍ ପଞ୍ଜିକରଣ୍ ମୁଲ୍ ହେଇଛେ । ଫି' ଅଭିଯୋଗ୍ ଶୁଣାଣି ଦିନର୍ ଲାଗି ହଜାରେ ଲୋକ୍ ପଞ୍ଜିକରଣ୍ କରିପାର୍ବେ । ଲୁକେ ଜନଶୁଣାଣି ପୋର୍ଟାଲ୍ ନାଇଁହେଲେ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

କର୍ମଚାରୀ ରାଜ୍ୟ ବୀମା ଯୋଜନା ନିଗମ/ଆର୍ଏନ୍ୟୁ ସମ୍ବଲପୁର

କର୍ମଚାରୀ ରାଜ୍ୟ ବୀମା ଯୋଜନା ନିଗମ୍ର ୮୫ ନମ୍ବର୍ ବୋର୍ଡ୍ ବୈଠକ୍ ଭୁବ୍ନେଶ୍ୱର୍ ନ ହେଇଯାଇଛେ । ଇଥି ଶ୍ରମ କର୍ମଚାରୀ ରାଜ୍ୟ ବୀମା ଯୋଜ୍ନା ମନ୍ତ୍ରୀ ଗଣେଶ୍ ରାମ୍ ଖୁଂଟିଆ ଅଧ୍ୟକ୍ଷତା କରିକରି କହିଛନ୍ ଯେ, କର୍ମଚାରୀ

ରାଜ୍ୟ ବୀମା ଯୋଜ୍ନାର୍ ସଫଲତା- ନିଗମ୍ ଜରିଏ ରାଜ୍ୟ ଆଉ କେନ୍ଦ୍ର ସର୍କାର୍ଙ୍କର୍ ସମନ୍ୱିତ କାମ୍ ଉପ୍ରେ ନିର୍ଭର୍ କର୍ସି । ଇ ଯୋଜ୍ନା ବୌଦ୍ଧ ଜିଲ୍ଲାକେ ଛାଡ଼ିକରି ରାଜ୍ୟର୍ ୨୯ ଟା ଜିଲ୍ଲା ନ କାର୍ଯ୍ୟକାରୀ ହେଉଛେ ଆଉ ବୌଦ୍ଧ ଜିଲ୍ଲା ନ କାର୍ଯ୍ୟକାରୀ କର୍ବାର୍ ଲାଗି ପ୍ରସ୍ତାବ୍ ପଠାଯାଇଛେ ବଲି ଶ୍ରୀ ଖୁଂଟିଆ କହିଛନ୍ ।

କାର୍ତ୍ତିକ ବ୍ରତ ଆର୍ଏନ୍ୟୁ / ସମ୍ବଲପୁର

ଆଏଜ୍ଠାନୁ କାର୍ତ୍ତିକ ବ୍ରତ ମୁଲ୍ ହେଉଛେ । ସେଆଡ଼େ ଶ୍ରୀମନ୍ଦିର୍ ନ ସ୍ୱତନ୍ତ୍ର ନୀତିକାନ୍ତି ଆରମ୍ଭ୍ ହେଇଛେ । ଇ ଅବ୍ସରେ ମାହାପ୍ରଭୁ ସବୁ ଦିନ ସଖାଲର୍ ସାଢ଼େ ୬ ବଜେନୁ ସାଢ଼େ ୭ ବଜେ ଭିତ୍ରେ ରାଇଦାମୋଦର ବେଶଥି ଭକ୍ତମାନ୍କୁ ଦର୍ଶନ୍ ଦେଇଛନ୍ । ଇଥିର୍ଲାଗି ଶ୍ରୀକ୍ଷେତ୍ର ପୁରୀ ନ ହବିଷ୍ୟାଲୀମାନ୍କର୍ ଭିଡ଼୍ ହେଇଛେ । ସର୍କାର୍ଙ୍କର୍ ତର୍ଫୁ ହବିଷ୍ୟାଲୀ ଯୋଜ୍ନାଥି ଅଢ଼େଇ ହଜାର୍ ବ୍ରତଧାରୀଙ୍କର୍ ଲାଗି ବ୍ୟବସ୍ଥା ହେଇଛେ । ଇଥିର୍ଲାଗି ପୁରୀ ନ ୪ଟା ହବିଷ୍ୟାଲୀ କେନ୍ଦ୍ର ଖୁଲାଯାଇଛେ । ବୃନ୍ଦାବତୀ ନିବାସ ଅକ୍ଷୟପାତ୍ର ଫାଉଣ୍ଡେସନ୍, ବଗଲା ଆଉ ମୋଚିସାହି କଲ୍ୟାଣ୍ମଣ୍ଡପ୍ ନ ହବିଷ୍ୟାଲୀ ମାନ୍କୁ ରଖାଯାଇଛେ ।

ସେମାନ୍‌କର୍ ରହେବାର୍‌ନୁ ନେଇକରି ଶ୍ରୀଜୀଉଙ୍କୁ ଦର୍ଶନ୍ ତକ୍ ପୁରା ବ୍ୟବସ୍ଥାକେ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଇଛେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ ।

ପୁଲିସ୍ ମହାନିର୍ଦ୍ଦେଶକ୍ -ବୌଦ୍ଧ ଗସ୍ତ ବୌଦ୍ଧ ସମ୍ବାଦଦାତା

ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ ଆଏଜ୍ ବୌଦ୍ଧ ପୁଲିସ୍ ମୁଖ୍ୟାଳୟ ପରିଦର୍ଶନ୍ କରିକରି ଜିଲ୍ଲା ନ ମାଓ ଗତିବିଧି ଆଉ ଆଇନ୍ ଶୃଙ୍ଖଲାର୍ ସମୀକ୍ଷା କରିଛନ୍ । ବୈଠକ୍‌ଥି ବିଏସ୍‌ଏଫ୍, ଆଇ.ଆର୍.ବି. ଆର୍ ଜିଲ୍ଲା ପୁଲିସ୍ ଅଧିକାରୀମାନ୍‌କର୍ ସାଙ୍ଗେ ଗଞ୍ଜେଇ ଚାଷ୍ ଆର୍ ମାଓ ଦମନ୍ ବାବ୍‌ଦେ ରଣନୀତି ପ୍ରସ୍ତୁତ କରିଥିଲେ । ଇ ଅବ୍‌ସରେ ପୁଲିସ୍ ମହାନିର୍ଦ୍ଦେଶକ୍ ଶ୍ରୀ ଖୁରାନିଆ ମାଓବାଦୀଙ୍କର୍ ଗତିବିଧିକେ ଦମନ୍ କରାଯିବା ବଲି ସାମ୍ବାଦିକ୍‌ମାନ୍‌କୁ କହିଛନ୍ । ଜିଲ୍ଲା ନ ଗଞ୍ଜେଇ ଚାଷ୍ ଆର୍ କାର୍‌ବାର୍ ବିରୋଧ୍ ନ ବ୍ୟାପକ୍ କାର୍ଯ୍ୟକ୍ରମ୍ ନିଆଯାଇଥିବାର୍ ସହେତେ ଜିଲ୍ଲା ନ ପୁଲିସ୍ ଭିତିଭୂମିକେ ବର୍‌କସ୍ କର୍‌ବାର୍‌କେ ପଦକ୍ଷେପ୍ ନିଆଯାଉଛେ ବଲି ସେ କହିଥିଲେ ।

ଇତାର୍ ଆଘୋନୁ ଶ୍ରୀଖୁରାନିଆ କନ୍ଧମାଲ୍ ଗସ୍ତଥି ଯାଇକରି ବର୍‌ଖମା ନ ଥିବା ବିଏସ୍‌ଏଫ୍ କେମ୍ପ୍ ଆଉ ସିନ୍ଧିପୋଙ୍ଗେଲ୍ ନ ଥିବା ସିଆର୍‌ପିଏଫ୍ କେମ୍ପ୍‌କେ ପରିଦର୍ଶନ୍ କରିଥିଲେ । ଇତାର୍ ଉତ୍‌ରୁ ସେ ଜିଲ୍ଲା ମୁଖ୍ୟାଳୟ ନ ଗୁଟେ ସମୀକ୍ଷା ବୈଠକ୍ କରିଥିଲେ ।

ଜୁଗାର୍ ଯାତ୍ରା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍‌ର ଦେବୀ ମା’ ମାଣିକେଶ୍ୱରୀଙ୍କର୍ ଆଏଜ୍ ଜୁଗାର୍ ଯାତ୍ରା ହେଇଯାଇଛେ । ଜିଲ୍ଲା କୈବର୍ତ୍ୟ ସମାଜ୍ ତର୍‌ଫୁ ଇ ଅବ୍‌ସରେ ଜୁଗାର୍ ଶୋଭାଯାତ୍ରା ବାହାରିକରି ସହର୍ ପରିକ୍ରମା କରିକରି ମନ୍ଦିର୍‌କେ ଯାଇଥିଲା । ଇଥି ହଜାର୍ ହଜାର୍ ମହିଳା ଆଉ ପୁରୁଷ ସାମିଲ୍ ହେଇଥିଲେ । କୈବର୍ତ୍ୟ ସମ୍ପ୍ରଦାୟର୍ ଇଷ୍ଟଦେବୀ ଭାବେ ମା’ ମାଣିକେଶ୍ୱରୀ ଅଷ୍ଟମ ଆଉ ନବମ ଶତାବ୍ଦୀନୁ ପୂଜା ପାଇଆସୁଥିବାର୍ ବେଲେ ବଛର୍‌କ ଥରେ ଦେବୀଙ୍କର୍ ସ୍ୱତନ୍ତ୍ର ଜୁଗାର୍ ଯାତ୍ରା ଆର୍ ଶାରଦୀୟ ପର୍ବ ହେସି ।

ବେଟି ବଚାଓ, ବେଟି ପଢ଼ାଓ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାର୍ ମେହେର୍ ମୁଣ୍ଡା ନ କେନ୍ଦ୍ର ସର୍କାର୍ଙ୍କର୍ ବେଟି ବଚାଓ, ବେଟି ପଢ଼ାଓ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ଇଥି ଯୋଗ୍ ଦେଇକରି ସଚେତନତା କାର୍ଯ୍ୟକ୍ରମ୍ର ଶୁଭାରମ୍ଭ କରିଥିଲେ । ବିଧାୟକ୍ ସିଦ୍ଧାନ୍ତ ମହାପାତ୍ର ଇଥି ଯୋଗ୍ ଦେଇକରି କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ହେଉଥିବା ଇ ଯୋଜ୍ନା ଉପ୍ରେ ଲୋକ୍ମାନ୍କୁ ସଚେତନ୍ କରିଥିଲେ ।

ମଶାରୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ବ୍ଲକ୍ ମହାଲିକ୍ ପଡ଼ା ଗ୍ରାମ୍ପଂଚାୟତ୍ ନ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ମଶାରୀ ବଂଟାଯାଇଛେ । ଇ ଅବ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ପ୍ରଭାସିନୀ ଦାସ ମୁଖ୍ୟଅତିଥି ଆଉ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଉଷୋ ଲଗା ମଶାରୀ ବେଭାର୍ଥି ମେଲେରିଆନୁ ମୁକ୍ତି

ମିଲ୍‌ବାର୍ ସହେତେ ସାଁପ୍‌ଚବାନୁ ଭିଲ୍ ରକ୍ଷା ମିଲ୍‌ବା ।
ମାଲିପଡ଼ା ପଂଚାୟତ୍‌ର ସବୁ ଗାଁଥି ମଶାରୀ ବଂଟାଯିବା ।

ଗଜଲକ୍ଷ୍ମୀ ପୂଜା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ ପଲ୍‌ସାଗୁରା ଶ୍ୱସ୍ତିକ୍ କ୍ଲବ୍ ତର୍‌ଫୁ ହେଉଥିବା ଗଜଲକ୍ଷ୍ମୀ ପୂଜା ଅବ୍‌ସରେ ମୁରାସୁର ଦର୍‌ବାର୍ କାର୍ଯ୍ୟକ୍ରମ୍ ଉଦ୍‌ଘାଟିତ୍ ହେଇଯାଇଛେ । ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଆଉ ଜିଲ୍ଲା ପରିଷଦ୍ ଉପାଧ୍ୟକ୍ଷ ସଂକର୍ଷଣ୍ ପ୍ରଧାନ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଅତିଥି ଭାବେ ଯୋଗ୍ ଦେଇଥିଲେ ।

ରଣ୍‌ଜୀ ଟ୍ରଫି ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍‌ର ବାରବାଟୀ ଷ୍ଟାଡ଼ିୟମ୍ ନ ଓଡ଼ିଶା ଆର୍ ଜାମ୍ମୁ କାଶ୍ମୀର୍ ଭିତ୍‌ରେ ରଣଜୀ ଟ୍ରଫି ମେଚ୍ ମୁଲ୍ ହେଇଛେ । ଟସ୍ ଜିତିକରି ଜାମ୍ମୁ କାଶ୍ମୀର୍ ଦଲ୍ ପହେଲା ବେଟିଂ କର୍‌ବାର୍‌କେ ନିଷ୍ପତି ନେଇଥିଲା । ଜାମ୍ମୁ କାଶ୍ମୀର୍ ଦଲ୍ ପହେଲା ବେଟିଂ କରିକରି ସବୁ ୱିକେଟ୍ ହରେଇକରି ୨ ଶହ ୭୦ ରନ୍ କରିଥିଲା । ଦଲ୍ ତର୍‌ଫୁ ଅବ୍‌ଦୁଲ୍ ସମ୍ମଦ୍ ସମ୍‌କର୍‌ନୁ ଜହ ଶହେ ୨୭

ରନ୍ କରିଥିଲେ । ଓଡ଼ିଶାର୍ ସୁମିତ୍ ଶର୍ମା ୫ ଓ୍ୱିକେଟ୍ ନେଇଛନ୍ । ଦିନର୍ ଖେଲ୍ ଶେଷ୍‌ତକ୍ ଓଡ଼ିଶା ଗୁଟେ ଓ୍ୱିକେଟ୍ ହରେଇକରି ୧୫ କରିଛେ ।

ସିନିଅର୍ ଖୋ ଖୋ ଚମ୍ପିଆନ୍‌ସିପ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା କଂଟାବାଞ୍ଜି ନ ସିନିଅର୍ ଖୋ ଖୋ ଚମ୍ପିଆନ୍‌ସିପ୍ ଆଏଜ୍‌ନୁ ମୁଲ୍ ହେଇଛେ । ବିଧାୟକ୍ ଲକ୍ଷ୍ମଣ ବାଗ କ୍ରୀଡ଼ା ପତାକା ଉତୋଲନ୍ କରିକରି ଇତାର୍ ଶୁଭାରମ୍ଭ କରିଥିଲେ । ପ୍ରତିଯୋଗିତାଥି ଓଡ଼ିଶା ସହେତେ ଗୁଜୁରାଟ୍, ଦିଲ୍ଲୀ, ଉତର୍‌ପ୍ରଦେଶ୍, ମହାରାଷ୍ଟ୍ର, ବିହାର୍, ତ୍ରିପୁରା, ଛତିଶ୍‌ଗଡ଼୍, ଆନ୍ଧ୍ରପ୍ରଦେଶ୍, ଆସାମ୍, ଝାର୍‌ଖଣ୍ଡ୍ ପ୍ରଦେଶ୍‌ନୁ ୧୮ ଟା ଟିମ୍ ଭାଗ୍ ନେଇଛନ୍ ।

ନବୀନ୍ ସ୍ମାରକୀ ଗ୍ରାମାଂଚଲ୍ ଫୁଟ୍‌ବଲ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ସଂଗ୍ରାମ୍‌ପୁର୍ ଗାଁଥି ବିଜୟା ୟୁଥ୍ କ୍ଲବ୍ ତର୍‌ଫୁ ଚାଲିଥିବା ନବୀନ୍ ସ୍ମାରକୀ ଗ୍ରାମାଂଚଲ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଇଆର୍‌ବି ଦଲ୍ ଚମ୍ପିଆନ୍ ହେଇଛେ । ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍ ଖେଲ୍‌ଥି ଆଇଆର୍‌ବି ବାଟାଲିୟନ୍

ଦଲ୍ ବଲାସିଙ୍ଘା ଗାଁ ଦଲ୍‌କେ ୧-ଶୂନ୍ ଗୋଲ୍‌ଥି ହରେଇଛେ ।